## ସଂକ୍ଷେପରେ

### ଦୋକାନ ପୋଡ଼ି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ରାଇଘର, ୨୪।୧୨(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା କଂସାବାସନ ଦୋକାନରେ ଶୁକ୍ରବାର ରାତିରେ ନିଆଁ ଲାଗିଯାଇଛି। ଫଳରେ ଦୋକାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମୋତିରାମ ସାହୁ ସନ୍ଧ୍ୟା ୮.୩୦ରେ ଦୋକାନ ବନ୍ଦ କରି ଝୁନକିପାରାସ୍ଥିତ ନିଜ ଘରକୁ ଯାଇଥିଲେ। ରାତି ୧୧.୩୦ରେ କେହି ଜଣେ ନିଆଁ ଲାଗିଥିବା ଦେଖି ଗ୍ରାମର କେତେଜଣ ଯୁବକଙ୍କୁ ଫୋନ କରିଥିଲେ। ସେମାନେ ନିଆଁକୁ ଆୟତ୍ତ କରି ନ ପାରି ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ନିଆଁ ଲିଭାଇଥିଲେ। ଦୋକାନରେ ଥିବା ବ୍ୟାଙ୍କ ଖାତା, ଚେକ୍ ବହି, ପ୍ୟାନ୍ କାର୍ଡ, ଆଧାର କାର୍ଡ, ପୋଷ୍ଟ ଅଫିସ ଖାତା ଏଭଳି ଅନେକ କାଗଜପତ୍ର ପୋଡ଼ିଯାଇଥିବା ମୋତିରାମ କହିଛନ୍ତି।

### ନିଆଁ ଲାଗି ଜଳିଗଲା ଧାନଗଦା

କୋଡିଙ୍ଗା, ୨୪।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ପଞ୍ଚାୟତ ରାବଣାଗୁଡା ଗ୍ରାମରେ ନିଆଁ ଲାଗି ଧାନଗଦା ଜଳିଯାଇଛି। ରାବଣାଗୁଡା ଗ୍ରାମର ଦୁଲାର ନାୟକ ଓ ଚୈତନ୍ୟ ନାୟକ ଏକ ଖଳାରେ ଚଳିତ ବର୍ଷ ଅମଳ ହୋଇଥିବା ପ୍ରାୟ ୫ ଏକର ଧାନକୁ କାଟି ଗଦା କରି ରଖିଥିଲେ। ହଠାତ୍ ସେଥିରେ ନିଆଁ ଲାଗି ଧାନଗଦା ଜଳିଯାଇଥିଲା। ଗାଁ ଲୋକେ ନିଆଁ ଲିଭାଇବାକୁ ବହୁ ଚେଷ୍ଟା କରି ବିଫଳ ହେବାରୁ କୋଷାଗୁମୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଜଳିଯାଇଥିବା ଧାନର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ଗ୍ରାମବାସୀ କହିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ଚନ୍ଦାହାଣ୍ଡି, ୨୪।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ୟଙ୍ଗ ଷ୍ଟାର କ୍ରିକେଟ୍ କ୍ଲବ୍ ଆନୁକୁଲ୍ୟରେ ପଞ୍ଚମ ୟଙ୍ଗଷ୍ଟାର କ୍ରିକେଟ୍ ଟୁର୍ନାମେଣ୍ଟ ଗ୍ରାମର ମାଟି ପୂଜାରୀ ନକୁଳ ପୂଜାରୀ ଓ ନାଏବ ସରପଞ୍ଚ ହୃଦାନନ୍ଦ ଜାଲଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୋତିଲାଲ ସାହୁ, ଘେନୁ ସାହୁ, ଅର୍ଜୁନ ସାହୁ, ପଦ୍ମଲୋଚନ ସାହୁ, ଡମ୍ବରୁଧର ନାୟକ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ କିଙ୍ଗ ୱାରିୟର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ବିଶିଷ୍ଟାର ନିର୍ଦ୍ଧାରିତ ଓଭରରେ ୧୫୦ ରନ ସଂଗ୍ରହ କରି ମ୍ୟାଚ ହାରିଥିଲା। ଗୋକୁଳ ବେଶ୍ରା ଓ ରୁଦ୍ରନାରାୟଣ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। କ୍ଷେତ୍ରମୋହନ ସାହୁ ଧାରା ବିବରଣୀ ଦେଇଥିଲେ। ପଞ୍ଚାନନ ଓ ବୈଷ୍ଣବ ସ୍କୋରର ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗଗନ ସାହୁ, ଗୁପ୍ତେଶ୍ୱର, ଜିତୁ, ଓମ୍ ପ୍ରକାଶ, କ୍ଷୀରୋଦ, ରାଜୁ, ପୂରନ ପ୍ରମୁଖ ସହଯୋଗ କରିଥିଲେ।

### ପୋଡ଼ିହୋଇ ଗୁରୁତର ଗର୍ଭବତୀଙ୍କୁ ସହାୟତା

ପାପଡ଼ାହାଣ୍ଡି, ୨୪।୧୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ପ୍ରଧାନୀଗୁଡା ଗ୍ରାମର ପୋଡ଼ିହୋଇ ଗୁରୁତର ଥିବା ଗର୍ଭବତୀ ମମତାଙ୍କୁ ରେଡ୍‌କ୍ରସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ମମତାଙ୍କ ଆକାଉଣ୍ଟକୁ ୨୦ହଜାର ଟଙ୍କା ପଠାଇଛନ୍ତି। ବର୍ତ୍ତମାନ ବିଶାଖାପାଟଣାରେ ମମତାଙ୍କ ଚିକିତ୍ସା ଚାଲିଛି। ସୂଚନାନୁଯାୟୀ, ପ୍ରବଳ ଶୀତ ଯୋଗୁ ମମତା ଘର ବାରଣ୍ଡାରେ ନିଆଁ ପୁଇଁବାବେଳେ ଅସାବଧାନତା ଯୋଗୁ ପୋଡିହୋଇ ଯାଇଥିଲେ। ତାଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବିଶାଖାପାଟଣାରେ ତାଙ୍କ ଚିକିତ୍ସା ଜାରି ହୋଇଛି।

# ସୁଧ ଶୁଝିବାକୁ ମିଛ କାହାଣୀ

**ପୋଲିସକୁ ମିଛ କହି ସମୟ ବରବାଦ, ଠକିବା ଅଭିଯୋଗରେ ଯୁବକ ଗିରଫ**

ନବରଙ୍ଗପୁର,୨୪।୧୨(ବି.ପ୍ର.)

ଡକାୟତିର ମିଛ କାହାଣୀ ରଚି ପୋଲିସ ଦ୍ୱାରା ଫସିଗଲେ ଯୁବକ। ତଦନ୍ତ ବେଳେ ନିଜେ ଧରାପଡ଼ିଗଲେ ଅଭିଯୋଗକାରୀ। ଏଭଳି ଘଟଣା ନବରଙ୍ଗପୁର ଜିଲାରେ ଘଟିଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ନୀଳଗୁଣ୍ଡିଗୁଡ଼ା ଗ୍ରାମର ସୁଶାନ୍ତ ହିଆଲଙ୍କ ପୁଅ ରୂପନ୍ତ ଶୁକ୍ରବାର ନବରଙ୍ଗପୁର ଥାନାରେ ତାଙ୍କଠାରୁ ଲୁଟ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ। ନବରଙ୍ଗପୁର ସହର ଅଧୀନ ଦଶହରାପଦା ନିକଟରେ ୩ଜଣ ଦୁର୍ବୃତ୍ତ ବାଇକ୍, ମୋବାଇଲ ଫୋନ ସହ ୨୭ ହଜାର ଟଙ୍କା ଲୁଟି ନେଇଥିବା ସେ ନିଜ ଏତଲାରେ ଉଲ୍ଲେଖ କରିଥିଲେ। ବନ୍ଧକ ସୁନା ମୁକୁଳାଇବା ପାଇଁ ଘରେ ଟଙ୍କା ଦେଇଥିଲେ। ସେ ସମ୍ପର୍କରେ ଫୋନ୍‌ରେ କଥା ହୋଇ କବରସ୍ଥାନ ଦେଇ ଯିବାବେଳେ ଏହି ଘଟଣା ଘଟିଥିବା ରୂପାନ୍ତ କହିଥିଲେ। ଅଭିଯୋଗ ପରେ ରୂପାନ୍ତକୁ ଧରି ପୋଲିସ ତଦନ୍ତ କରିବାକୁ ଘଟଣାସ୍ଥଳକୁ ଯାଇଥିଲେ। ସୁନା ବନ୍ଧକ ଥିବା ଦୋକାନ ନବରଙ୍ଗପୁର ସହରରେ। ତେବେ ରୂପନ୍ତ କାହିଁକି କବରସ୍ଥାନ ରାସ୍ତାଦେଇ ପଡାଲଗୁଡା ଆଡ଼କୁ ଯାଉଥିଲେ ତାହାକୁ ନେଇ ପୋଲିସର ସନ୍ଦେହ ହୋଇଥିଲା। ସୁନାଦୋକାନ, ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ସହ ସିଡିଆର୍(କଲ୍‌ରେକର୍ଡ) ବାହାର କରିବା ଓ ସାଇବର ସେଲ୍‌ର ସହାୟତାରେ ସହରରେ ଲାଗିଥିବା ସିସିଟିଭିର ଫୁଟେଜ ପୋଲିସ ଯାଞ୍ଚ କରିଥିଲା। ଏ ସମସ୍ତ ତଥ୍ୟକୁ ଆଧାରକରି ପୋଲିସ ରୂପାନ୍ତଙ୍କୁ ଅଧିକ ପଚରାଉଚରା କରିବାରୁ ଘରେ ଦେଇଥିବା ଟଙ୍କାରେ ସୁନା ମୁକୁଳାଇ ନ ଥିବା କଥା ସେ ମାନିଥିଲେ। ଗାଁର ଅଭି ବାଘଙ୍କରୁ ପୂର୍ବରୁ ୧୫ ହଜାର ଟଙ୍କା ଆଣିଥିଲେ। ଉକ୍ତ ଟଙ୍କା ସୁଧ ମୂଳ ହୋଇ ୨୭ ହଜାର ହୋଇଥିଲା। ତେଣୁ ଘରେ ଦେଇଥିବା ଟଙ୍କାକୁ ଅଭଙ୍କୁ ଦେଇଥିବା କଥା ରୂପନ୍ତ ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ତଥ୍ୟ ଯୋଗାଡ଼କରି ଅଭିଙ୍କ ଘରେ ପହଞ୍ଚି ତାଙ୍କଠାରୁ ୧୪ ହଜାର ଟଙ୍କା ଜବତ କରିଛି। ମୋବାଇଲ ଓ ବାଇକ ପୋଗାଲଗୁଡା ଗାଁ ନିକଟ ଜଙ୍ଗଲରୁ ପୋଲିସ ଜବତ କରିଛି। ପୋଲିସ ରୂପନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହାନ୍ତି ସେ ନେଇ ତଦନ୍ତ ଚାଲିଥିବା ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ କହିଛନ୍ତି। ମିଛ ଅଭିଯୋଗକରି ସମୟ ବରବାଦ ଓ ଠକିବା ନେଇ ଧାରା ୪୨୦ ଓ ୧୮୨ ଦଫାରେ ପୋଲିସ ନିଜ ଆଡୁ କେସ୍ ନଂ. ୬୧୯/୨୨ରେ ମାମଲା ରୁଜୁ କରିଛି। ଏଏସ୍‌ଆଇ କେଶବ ମାଝି ଘଟଣାର ତଦନ୍ତ କରୁଛନ୍ତି।

## ଖବର ପ୍ରକାଶ ପରେ ଟଙ୍କା ପାଇଲେ ଚାଷୀ


ଟଙ୍କା ପାଇଥିବା ମହିଳା ଚାଷୀ ।

**ଚାଷୀଙ୍କ ଟଙ୍କା ଦେବାରେ କେସିସି ବ୍ୟାଙ୍କ ବିଳମ୍ବ କରୁଥିବା ଘଟଣା**

ପାପଡାହାଣ୍ଡି, ୨୪।୧୨(ଡି.ଏନ୍.ଏ.)

ପାପଡ଼ାହାଣ୍ଡିରେ ଚାଷୀଙ୍କୁ ଋଣ ଟଙ୍କା ଦେବାରେ କେସିସି ବ୍ୟାଙ୍କ ବିଳମ୍ବ କରୁଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବାପରେ ଶୁକ୍ରବାର ୨ ଚାଷୀଙ୍କୁ ଋଣ ଟଙ୍କା ମିଳିଛି। ଏନେଇ କେସିସି ବ୍ୟାଙ୍କ ୫ ଜଣ ଚାଷୀଙ୍କୁ ଯୋଗାଯୋଗ କରିଥିଲା। ମଇଦଲପୁର ଲ୍ୟାମ୍ପସନିର୍ଦ୍ଦେଶକ ଶ୍ରୀକାନ୍ତ ମିଶ୍ରଙ୍କ ସହ ଚାଷୀମାନେ କେସିସି ବ୍ୟାଙ୍କରେ ପହଞ୍ଚିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ସମସ୍ତ କାଗଜପତ୍ର ଠିକ୍ କରି ଦଶରାଭଟ୍ଟାର ସେବିକା ମିର୍ଗାନ ଓ କଣ୍ଟାମାଲର କମଳା ମାଝିଙ୍କୁ ୧୦ ହଜାର ଲେଖାଏ ଋଣ ପ୍ରଦାନ କରିଥିଲେ। ବଳକା ୩ଜଣଙ୍କୁ ଛୁଟି ପରେ ଋଣ ଟଙ୍କା ଦିଆଯିବ ବୋଲି ସୂଚନା ମିଳିଛି।

ସୂଚନାନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଲ୍ୟାମ୍ପସ ଅଧୀନରେ ରହିଥିବା ୫ ଚାଷୀ ୨୦୧୯ରେ ଚାଷ ଋଣ କରିଥିଲେ। କିନ୍ତୁ ସେମାନେ କୌଣସି ବ୍ୟକ୍ତିଗତ କାରଣରୁ ଋଣ ଟଙ୍କା ଉଠାଇ ନ ଥିଲେ। ଚାଷୀମାନେ କିନ୍ତୁ ମାସେ ତଳେ କେସିସି ବ୍ୟାଙ୍କକୁ ଋଣ ଟଙ୍କା ଉଠାଇବାକୁ ଆସିଥିଲେ। କେୱାଇସି ଫର୍ମ ଦେବାକୁ ବ୍ୟାଙ୍କ କହିଥିଲା। କେୱାଇସି ଫର୍ମ ଦେବା ପରେ ମଧ୍ୟ ବ୍ୟାଙ୍କ ଟଙ୍କା ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମଇଦଲପୁର ଲ୍ୟାମ୍ପସ ନିର୍ଦ୍ଦେଶକ ଶ୍ରୀକାନ୍ତ ମିଶ୍ର ଏହାର ତଦନ୍ତ ଦାବି କରିଥିଲେ। ଏନେଇ ଗୁରୁବାର ଖବର ପ୍ରକାଶ ପାଇବା ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର ଚାଷୀଙ୍କ ଋଣ ଟଙ୍କା ପ୍ରଦାନ କରିଛନ୍ତି। ଟଙ୍କା ପାଇଥିବା ଚାଷୀ ଲ୍ୟାମ୍ପସ ନିର୍ଦ୍ଦେଶକ ଶ୍ରୀକାନ୍ତ ମିଶ୍ର ଓ ଖବରଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ କଂଗ୍ରେସ ନେତାମାନେ ।

ନବରଙ୍ଗପୁର,୨୪।୧୨(ବି.ପ୍ର.)

ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସଦର ବ୍ଲକ ଶାସନ ଗ୍ରାମରେ ଜିଲା କଂଗ୍ରେସ କମିଟି ସଭାପତି ମୁନ୍ନା ତ୍ରିପାଠୀଙ୍କ ସଭାପତିତ୍ୱରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୩ ଜାନୁୟାରୀ ୨୬ରୁ ହାତରେ ହାତ ଯୋଡ଼ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ। ଜାନୁୟାରୀ ପ୍ରଥମ ସପ୍ତାହରେ ରାହୁଲ ଗାନ୍ଧୀଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ଜିଲା କଂଗ୍ରେସ ମଧ୍ୟ ଅଂଶ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ନବରଙ୍ଗପୁର ଜିଲାର ପୋଡ଼ାଗଡ଼ ମନ୍ଦିରର ମାଟି, ରକ୍ତତୀର୍ଥ ଗୁରି ନଦୀର ଜଳ, ନବରଙ୍ଗପୁର ସର୍ବପୁରାତନ ଜେଇଏଲ୍‌ସି ଚର୍ଚ୍ଚର ମାଟି ସଂଗ୍ରହ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଡିସେମ୍ବର ୨୫ରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ମହିଳା ଶାଖା ସମ୍ପାଦିକା ବିଜୟଲକ୍ଷ୍ମୀ ସାହୁଙ୍କ ଉପସ୍ଥିତିରେ କରାଯିବ। କାର୍ଯ୍ୟକ୍ରମ କିଭଳି ସଫଳ ରୂପାୟନ ହୋଇପାରିବ ସେ ନେଇ ସମସ୍ତ ୧୦ ବ୍ଲକ ସଭାପତି, ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କୁ ନେଇ ଏକ ବିସ୍ତୃତ ଆଲୋଚନା କରାଯାଇଥିଲା ବୋଲି ତ୍ରିପାଠୀ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ବିଜୟଲକ୍ଷ୍ମୀ ସାହୁ ମୁଖ୍ୟ ଅତିଥି, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ଜିଲା କଂଗ୍ରେସ ଉପସଭାପତି ଧରମ ସିଂ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦିଲୀପ ବେହେରା, ପୂର୍ବତନ ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଧ୍ୟକ୍ଷା ଏନ୍. ନାଗ ରତ୍ନମା, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ବି. ସାଇ ରାଜୁ, ପ୍ରଭାତୀ ତ୍ରିପାଠୀ, ବରିଷ୍ଠ ନେତା କ୍ଷେମରାଜ୍ ବାଘ , ଦିଲୀପ ପ୍ରଧାନ, ବୃନ୍ଦାବନ ତ୍ରିପାଠୀ ପ୍ରମୁଖଙ୍କ ସମେତ ଜିଲାର ୧୦ ବ୍ଲକର ସଭାପତି ଏବଂ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ପରଲୋକ

ଉମରକୋଟ, ୨୪।୧୨(ସ୍ୱ.ପ୍ର.)



ଉମରକୋଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ଅବକାରୀ ଓ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ସ୍ୱର୍ଗତ ରବିସିଂ ମାଝିଙ୍କ ସ୍ତ୍ରୀ ଫୁଲେଶ୍ୱରୀଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ମେଡିକାଲ ଅଧୀକ୍ଷକ ଡାକ୍ତର ଅଭୟ ଦେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ଫୁଲେଶ୍ୱରୀଙ୍କ ମରଶରୀର ଉମରକୋଟ ଝରିଗାଁ ରୋଡ୍‌ସ୍ଥିତ ବାସଭବନରେ ନିଆଯାଇଥିଲା । ଶନିବାର ପୈତୃକ ସ୍ଥାନ ବାଟିବେଡ଼ାରେ ଶେଷକୃତ ସମ୍ପନ୍ନ ହୋଇଛି । ଫୁଲେଶ୍ୱରୀଙ୍କ ବିୟୋଗରେ ବରିଷ୍ଠ ବିଜେଡି ନେତା ଜୟଦେବ କୁମାର ପରିଡ଼ା ଓ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଶୋକବ୍ୟକ୍ତ କରିଛନ୍ତି।

## ମଡେଲ ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

ନବରଙ୍ଗପୁର,୨୪।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ଟିର୍ଲି ଅମ୍ବାଗୁଡ଼ାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ୭ଦିନିଆ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ରଞ୍ଜନ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ସହକାରୀ ପ୍ରଫେସର ମନ୍ମଥ କୁମାର ମାଝି ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ସହକାରୀ ପ୍ରଫେସର ରାଜୀବ ଜାଲ, ସହକାରୀ ପ୍ରଫେସର ରିୟାଯତ୍ ଖାଡ଼ିମ୍ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇ ସମାଜ ଗଠନରେ ନିଜର ପ୍ରମୁଖ ଭୂମିକା ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ପୋଷ୍ୟ ଗ୍ରାମ ଟିର୍ଲି ଆମ୍ବାଗୁଡାର ପରିବେଶ ପରିଚ୍ଛନ୍ନ, ସ୍ୱାସ୍ଥ୍ୟ ସଚେତନତା ତଥା ଅନ୍ଧବିଶ୍ୱାସ ଦୂରୀକରଣ ପାଇଁ ଉଦ୍ୟମ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ପିଲାମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ତଥା ସାଂସ୍କୃତିକ ବିକାଶ ପାଇଁ ମଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

## ୧୨ ସ୍ୱାସ୍ଥ୍ୟ କର୍ମଚାରୀ ସମ୍ମାନିତ

**'ଦମନ'ର ସଫଳତାରେ ଉଲ୍ଲେଖନୀୟ ଯୋଗଦାନ**

ନବରଙ୍ଗପୁର, ୨୪।୧୨(ବି.ପ୍ର.)



ଜିଲାପାଳ ଜଣେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁର ଜିଲାରେ ମାଲେରିଆ ନିରାକରଣ କାର୍ଯ୍ୟକ୍ରମ ଦମନର ସଫଳ ରୂପାୟନ ପାଇଁ ଜଲାର ୧୨ଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଜିଲାପାଳ କମଳଲୋଚନ ମିଶ୍ର ସମ୍ମାନିତ କରିଛନ୍ତି। ଦମନ କାର୍ଯ୍ୟକ୍ରମରେ ଶତ ପ୍ରତିଶତ ସଫଳତା ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ଡା.ଦଶରଥ ନାଗ, ଡା.ଅଭୟ କୁମାର ଦେ, ଡା.ସନ୍ତୋଷ କୁମାର ପ୍ରଧାନ, ଜିଲା ମାଲେରିଆ ସଂଯୋଜକ ଦିନେଶ କୁମାର ପ୍ରହରାଜ, ଅଞ୍ଜଳୀ ଦାସ, ସୁଲୋଚନା ସାମଲ, ଏମ୍.ଆର୍.କେ. ରାଜୁ, ସଞ୍ଜୀବ କୁମାର ହିଆଲ, ତୃପ୍ତିମୟୀ ବେହେରା, ଡା.ଅମରେଶ ପ୍ରସାଦ ମହାନ୍ତି, ଚନ୍ଦ୍ରଶେଖର ପଟ୍ଟନାୟକ ଓ ପ୍ରଦୀପ କୁମାର ଦାସଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ସମ୍ମାନିତ ହୋଇଥିବା ସମସ୍ତେ ଓ ବିଭାଗୀୟ କର୍ମଚାରୀ ଓ ଅନ୍ୟ ସରକାରୀ କର୍ମଚାରୀମାନେ 'ଦମନ' ସିନେମା ଦେଖିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସିଡିଏମ୍‌ଓ ଡା.କାଳିପ୍ରସାଦ ବେହେରା, ଏଡିପିଏଚ୍‌ଓ ଡା.ନିଳମଣୀ ଦିଲ୍ଲୀପ ଚାନ୍ଦ ବେହେରା, ଡା.ମଳୟ ତ୍ରିପାଠୀ, ଡିପିଏମ୍ ସୁଶାନ୍ତ ପ୍ରହରାଜ, ଡିଆଇପିଆର୍‌ଓ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଦମନ ଫିଲ୍ମର ୫୦ଦିନ ସଫଳତା ଅବସରରେ ନବରଙ୍ଗପୁର ସିନେପ୍ଲେକ୍ସରେ ଜିଲାପାଳ ମିଶ୍ର କେକ କାଟି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ।

## ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଡାବୁଗାଁ, ୨୪।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କ ଶତ ପତିଶତ ଫଳାଫଳ କଲେଜ ପାଇଁ ଗୌରବର କଥା ବୋଲି ସେ କହିଥିଲେ। ମୁଖ୍ୟ ବକ୍ତାଭାବେ ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ଉର୍ମିଳା ବ୍ରହ୍ମା ଯୋଗ ଦେଇଥିଲେ। ପିଲାମାନେ କଲେଜରେ ଭଲ ନାମ ରଖି ପାଠ ପଢିବା ସହିତ ସେବା ଓ କୃତିତ୍ୱ ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଅର୍ଥନୀତି ବିଭାଗର ଅଧ୍ୟାପକ ସନ୍ୟାସୀ ସାହୁ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ମର୍ଦ୍ଧକ୍ଷ ନାୟକ, ଇତିହାସ ବିଭାଗର ଅଧ୍ୟାପକ ଦୟାରାମ ମନୋହର ଓ ଓଡ଼ିଆ ବିଭାଗ ଅଧ୍ୟାପିକା ମନିଷା ସରକାର ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## କୁମ୍ଭିଖାରିରେ ବିଏସ୍‌ଏଫ୍‌ର ନୂଆ କ୍ୟାମ୍ପ

ବୈପାରିଗୁଡା/କୋରାପୁଟ, ୨୪।୧୨(ଡି.ଏନ.ଏ./ ସ୍ୱ.ପ୍ର.)

ମାଓବାଦୀଙ୍କ ଗତିବିଧିକୁ ଲକ୍ଷ୍ୟ କରି କୋରାପୁଟ ଜିଲାର ବୈପାରିଗୁଡା ଥାନା ଅନ୍ତର୍ଗତ ରାମଗିରି ପଞ୍ଚାୟତର ଛତିଶଗଡ଼ ସୀମାନ୍ତବର୍ତ୍ତୀ କୁମ୍ଭିଖାରିଠାରେ ଶନିବାର ବିଏସ୍‌ଏଫ୍ ୧୫୧ ବାଟାଲିୟନର ଏକ ନୂତନ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ, କମାଣ୍ଡାଣ୍ଟ ଅଜୟ କୁମାର, ଡେପୁଟି କମାଣ୍ଡାଣ୍ଟ ବିରଞ୍ଚି କୁମାର, ଏସ୍‌ପି ବରୁଣ ଗୁଣ୍ଠୁପାଲି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ କୁମ୍ଭିଖାରି ସମେତ ଗରମପାନି ଓ ଆମ୍ବଗଦଲି ଗ୍ରାମର ଲୋକେ ଯୋଗ ଦେଇଥିଲେ। ନୂତନ କ୍ୟାମ୍ପ ପ୍ରତିଷ୍ଠା ଦ୍ୱାରା ମାଓବାଦୀଙ୍କ ଗତିବିଧିକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ବୋଲି ଡିଆଇଜି ଲାଲ କହିଥିଲେ। କ୍ୟାମ୍ପରେ ଉପଲବ୍ଧ ଚିକିତ୍ସା ସୁବିଧା ସ୍ଥାନୀୟ ଲୋକଙ୍କୁ ମିଳିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟସେବା ଶିବିର ହୋଇଥିଲା। ଡାକ୍ତର ଅଶୋକ କୁମାର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ।


ଉଦ୍‌ଘାଟନୀ ଅବସରରେ ବିଏସ୍‌ଏଫ ଅଧିକାରୀ ଓ ଗ୍ରାମବାସୀ।

## ପୂର୍ବତନ ଜିଲାପାଳଙ୍କ ପିଏଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ

**ରୋଷେୟା ମୃତ୍ୟୁ ଘଟଣା**

ମାଲକାନଗିରି, ୨୪।୧୨(ଡିଏନଏ):

ମାଲକାନଗିରିର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଘରୋଇ ରୋଷେୟା ସନ୍ତୋଷ ପାଣିଗ୍ରାହୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଘଟଣାର ତଦନ୍ତ ପାଇଁ ଅନୁରୋଧ କରି ପୋଲିସର ଦ୍ୱାରସ୍ଥ ହୋଇଛନ୍ତି ତାଙ୍କର ପୂର୍ବତନ ପିଏ ମୃତ ଦେବ ନାରାୟଣ ପଣ୍ଡାଙ୍କ ସ୍ତ୍ରୀ ବନଜା। ଡିସେମ୍ବର ୧୯ରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ସାଧାରଣରେ ଏହାକୁ ହଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି କୁହାଯାଉଛି। ତେବେ ବନଜା ରୋଷେୟାଙ୍କ ମୃତ୍ୟୁ ଘଟଣା ଜାଣିବା ପରେ ଉଦ୍‌ବେଗ ପ୍ରକାଶ କରି ଶନିବାର ଏହାର କାରଣ ସମ୍ପର୍କରେ ତଦନ୍ତ ପାଇଁ ମାଲକାନଗିରି ଏସ୍‌ପି ଓ ମଡେଲ ଥାନା ଅଧିକାରୀଙ୍କ ପାଖକୁ ଲିଖିତ ଏତଲା ଇ-ମେଲ ଯୋଗେ ପଠାଇଛନ୍ତି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ବନଜା ଅଭିଯୋଗ କରିଛନ୍ତି ।

## ନାଚଗୀତରେ ପରିମଳ, ସ୍ୱଚ୍ଛତା ବାର୍ତ୍ତା

**ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ଶିବିର**

ଉମରକୋଟ, ୨୪।୧୨(ସ୍ୱ.ପ୍ର.)

ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଶୀତକାଳୀନ ଶିବିର ଡଙ୍ଗରିଗୁଡ଼ାରେ ଚାଲିଛି। ସେଠାରେ ଏକ ପରିମଳ ଓ ସ୍ୱଚ୍ଛତା ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ମୁଖ୍ୟ ଡ. ଶେଷାନନ୍ଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଡ. ରବୀନ୍ଦ୍ର ମିଶ୍ର, ଡ. ପ୍ରଦୀପ ଚୌଧୁରୀ, ବିପାସା ସରକାର ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାକାଳୀନ ଉତ୍ସବରେ ଅଧକ୍ଷା ଡ. ଅନିତା ମାଝି, ଦିବାକର ପଟ୍ଟନାୟକ, ରାମଶଙ୍କର ପଟ୍ଟନାୟକ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗ୍ରାମ ସଫେଇ କରିବା ସହ ନାଚ ଓ ସଙ୍ଗୀତ ମାଧ୍ୟମରେ ଗ୍ରାମବାସୀଙ୍କୁ ପରିମଳ ଓ ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ। ପ୍ରକାଶ ଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବିଭାଗ ଡଙ୍ଗରିଗୁଡ଼ାକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛି।


ଶିବିରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

## ମଣ୍ଡିରେ ଧାନ କିଣାବିକା ଅନୁଧ୍ୟାନ, ତଥ୍ୟ ସଂଗ୍ରହ

**ଭାଜପାର ମଣ୍ଡି ଚାଲ ଅଭିଯାନ**

ନବରଙ୍ଗପୁର,୨୪।୧୨(ବି.ପ୍ର)

ନବରଙ୍ଗପୁର ଜିଲା ଭାଜପାର ମଣ୍ଡି ଚାଲ ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ଭାଜପା ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଜିଲା ଭାଜପା କର୍ମକର୍ତ୍ତାମାନେ ନିୟନ୍ତ୍ରିତ ବଜାର କମିଟି ପରିସରରେ ଚାଲିଥିବା ମଣ୍ଡି ସ୍ଥଳକୁ ଯାଇଥିଲେ। ସେଠାରେ ଚାଷୀମାନଙ୍କ ଧାନ କିପରି କିଣାଯାଉଛି ତାହା ଅନୁଧ୍ୟାନ କରିବା ସହ ତଥ୍ୟ ସଂଗ୍ରହ କରିଥିଲେ। ମଣ୍ଡିରେ କଟ୍‌ନି ଛଟ୍‌ନି କିପରି ହେଉଛି ଓ ଚାଷୀମାନେ ଏହାଦ୍ୱାରା କିଭଳି ପ୍ରଭାବିତ ହେଉଛନ୍ତି ସେ ନେଇ ଚାଷୀ, ମିଲର୍ସ ଓ ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଧାନର ମାନ କିପରି ପରୀକ୍ଷା କରାଯାଉଛି ତାହା ପଚାରି ବୁଝିବା ସହ ମାନ ପରୀକ୍ଷା କରିବାର ଡେମୋ କରାଇଥିଲେ। ମଣ୍ଡିରେ ସୁରୁଖୁରୁରେ ଧାନ କ୍ରୟ ପାଇଁ କେନ୍ଦ୍ର ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚର ଓ ଚାଷୀମାରଣ ନୀତି ଯୋଗୁ ମଣ୍ଡିରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ରାଜ୍ୟ ଭାଜପା ଉପସଭାପତି ଅଭିଯୋଗ କରିଛନ୍ତି। ଏସ୍‌ଏଚ୍‌ଜିଙ୍କ ନାମରେ ରାଜ୍ୟ ସରକାର ହରିଲୁଟ କରୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ପରିବର୍ତ୍ତେ ମିଲର୍ସଙ୍କ ସ୍ୱାର୍ଥ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଅଭିଯାନରେ ଭାଜପା ଜିଲା ସଭାପତି ଜଗଦୀଶ ବିଶୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି ଓ ଜିଲା ଭାଜପାର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।


ମଣ୍ଡିରେ ଭାଜପା ନେତାମାନେ।

**ସଂକ୍ଷେପରେ**

## ରାମନାଗୁଡ଼ା ବିଡିଓଙ୍କୁ ଗୁଣପୁର ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱ

ଗୁଣପୁର,୨୪।୧୨(ଡି.ଏନ୍.ଏ.)-ରାମନାଗୁଡ଼ା ବିଡିଓ ପ୍ରଭାତି ଝୋଡ଼ିଆଙ୍କୁ ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଜିଲା ସହରାଂଚଳ ଉନ୍ନୟନ ସଂସ୍ଥା ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗୁଣପୁର ପୌର ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ ପ୍ରସୂତି ଛୁଟିରେ ଯାଉଥିବାରୁ ରାମନାଗୁଡ଼ା ବିଡିଓଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ହୋଇଛନ୍ତି। ପୌର ନିର୍ବାହୀ ଅଧିକାରୀ ରାଉତ ୨୦୨୨ ଡିସମ୍ବର ୨୭ରୁ ୨୦୨୩ ଜୁନ୍ ୨୫ ପର୍ଯ୍ୟନ୍ତ ଛୁଟିରେ ରହିବେ। ଏହି ସମୟରେ ରାମନାଗୁଡ଼ା ବିଡିଓ ଗୁଣପୁର ପୌର ପରିଷଦର ଅତିରିକ୍ତ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟ ସମ୍ପାଦନା କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଗୁଣପୁର ଏକ ସମ୍ବେଦନଶୀଳ ଅଞ୍ଚଳ। ଜଟିଳ ପରିସ୍ଥିତିକୁ ସମ୍ଭାଳିବା ସହ ଅଧକ୍ଷାଙ୍କ ମଧରେ ସମନ୍ୱୟ ରକ୍ଷା କରି କିପରି ସହରର ବିକାଶ କାର୍ଯ୍ୟ କରିବେ ତାହାକୁ ସମସ୍ତଙ୍କ ଅପେକ୍ଷା।

## ଆର୍ଯ୍ୟନ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ



ପଦ୍ମପୁର,୨୪।୧୨(ଡି.ଏନ୍.ଏ.)-ପଦ୍ମପୁର ସ୍ଥିତ ଅର୍ଯ୍ୟନ୍ ସ୍କୁଲରେ ଚାଲିଥିବା ୨ ଦିନିଆ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମା' ମାନଙ୍କ ଖେଳରେ ଲିଲି ଶବର ପ୍ରଥମ, ଭାନୁବତି ଶବର ଦିତୀୟ, ଗୀତାଞ୍ଜଳି ବେହେର୍ତ୍ତା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେଇଥିଲେ। ଉଦ୍‌ଘାଟନି ଉତ୍ସବରେ ପଦ୍ମପୁର ବିଡିଓ ରୀନା ପ୍ରଧାନ ଗ୍ରାମଦେବତୀଙ୍କ କୃପାରୁ ଆସିଥିବା ମଶାଲ ଗ୍ରହଣ କରିବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ସମ୍ପାଦିକା ସ୍ୱର୍ଣ୍ଣମଞ୍ଜରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ରୀନା ପ୍ରଧାନ ଓ ପ୍ରଶାସନିକ ଅଧକାରୀ ମନୋଜ ପାତ୍ର ଅଧାପିକା ମହାଶ୍ୱେତା ନାୟକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ କବାଡ଼ି, ଲମ୍ଫଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର, ଦୌଡ଼, ସ୍ଲୋ ସାଇକେଲ ଚଳନା, କଲେକ୍ସନ ଦୌଡ଼ ଆଦି ପ୍ରତିଯୋଗିତା ହେଇଥିଲା। ଉଦ୍ଯାପନି ଉତ୍ସବରେ ମୂଖ୍ୟ ଅତିଥି ରୂପେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଟେରାକୋଟା କ୍ରାଫ୍ଟସ, ଡିଜାଇନ ବିକାଶ ତାଲିମ

ତେନ୍ତୁଲିଖୁଣ୍ଟି, ୨୪।୧୨(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା କୁମ୍ଭାରଶାଳରେ ଟେରାକୋଟା କ୍ରାଫ୍ଟସ ତାଲିମ ଓ ଡିଜାଇନ ବିକାଶ କାର୍ଯ୍ୟକ୍ରମ ହସ୍ତଶିଳ୍ପ ବିଭାଗ ସହକାରୀ



ନିର୍ଦ୍ଦେଶକ ଲୁଲୁଙ୍ଗ ସିଂହ ଧୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। କୁମ୍ଭକାର ମହିଳା ଓ ପୁରୁଷଙ୍କୁ ୨ମାସ ଧରି ଟେରାକୋଟା କ୍ରାଫ୍ଟସ ତାଲିମ ଓ ଡିଜାଇନ ବିକାଶ ତାଲିମ ୧ମାସ ଦିଆଯିବ। କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଭୁବନେଶ୍ୱର ଦ୍ୱାରା ଡିଜାଇନ ଓ ବିକାଶ ତାଲିମ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଟେରାକୋଟା ତାଲିମ ସିଏଚ୍‌ଡିଡିଏସ୍ (ହସ୍ତଶିଳ୍ପ) ଦ୍ୱାରା ଆୟୋଜିତ ହେଉଛି। ସଚିନ କୁମାର ପଟେଲ, ଗୌରବ କୁମାର ସୋରେନ, ଶ୍ରୀଧର ଦାସ, ଅମିତ ପୁରୋହିତ ଓ ହରିଶ୍ଚନ୍ଦ୍ର କୁମ୍ଭାର ପ୍ରମୁଖଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଦୁଇଟି ଯାକ ତାଲିମ କାର୍ଯ୍ୟକ୍ରମ ଜାରି ରହିଛି। ତାଲିମ ପରେ ପ୍ରମାଣପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ସେମାନଙ୍କ ସାମଗ୍ରୀକୁ ଉପଯୁକ୍ତ ବଜାର ମଧ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ବଂଶଧାରା ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ, ରାୟଗଡ଼ା ଦଳ ବିଜୟୀ

ଗୁଣପୁର,୨୪।୧୨(ଡି.ଏନ୍.ଏ.)




ବିଜୟୀ ରାୟଗଡ଼ା ଦଳ।

ଗୁଣପୁର ମିନି ଷ୍ଟାଡିୟମ ଠାରେ ବଂଶଧାରା କପ୍ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ପ୍ରଥମ ମ୍ୟାଚ୍ ଆନ୍ଧ୍ର ସ୍ମାର୍ଟନସ ଓ ରାୟଗଡ଼ା ଦଳ ମଧରେ ହୋଇଥିଲା। ଏଥିରେ ରାୟଗଡ଼ା ଦଳ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଆନ୍ଧ୍ର ଦଳ ୨୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଆନ୍ଧ୍ର ଦଳର ଅଜିତ କୁମାର ୩୨ ବଲରେ ୩୫ ରନ ଓ ମଣିକଣ୍ଠା କଟା ୩୭ ବଲରେ ୨୮ ରନ୍ କରିଥିଲେ। ୧୨୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାୟଗଡ଼ା ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ରୋନାଲଡ୍ସ ବିସିଂ ୪୫ ବଲରେ ୫୩ ରନ ଓ କିରଣ ପାଣିଗ୍ରାହୀ ୩୧ ବଲରେ ୨୮ ରନ୍ କରିଥିଲେ। ରାୟଗଡ଼ା ଦଳ ପକ୍ଷରୁ ସଞ୍ଜୟ କୁମାର ମହାପାତ୍ର ୫ ଓଭର ବୋଲିଂ କରି ୨୦ ରନ୍ ବିନିମୟରେ ୩ଟି ଏବଂ ଅଭିଜିତ ପାଢ଼ୀ ୫ ଓଭର ବୋଲିଂ କରି ୨୯ ରନ୍ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ସାରଦା ପ୍ରସନ୍ନ ମହାପାତ୍ର ଓ ଶିବରାମ ନାୟକ ଅମ୍ପାୟାରିଂ ଦାୟିତ୍ୱ ତୁଲାଇଥିବାବେଳେ ସୁରେଶ ଦାସ ସ୍କୋରର ଥିଲେ। ଟୁର୍ନାମେଣ୍ଟରେ ରାୟଗଡ଼ା ସହ କଟକର ରାଇଜିଂ ଷ୍ଟୁଡେଣ୍ଟ, ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବ, ସମ୍ବଲପୁରର ଏମ୍‌ଏମ୍‌ସିସି, ରାଉରକେଲାର ଆରୱାଇସିସି ସହ କୋଲ୍‌କାତାର ଗ୍ରୀନ୍ ଗ୍ରାସ୍ କ୍ରିକେଟ ସେଣ୍ଟର, ଛତିଶଗଡ଼ ଭିଲାଇର ଆରସିଏ ଏବଂ ଆନ୍ଧ୍ର ପ୍ରଦେଶର ସ୍ମାର୍ଟନସ ଦଳ ଭାଗ ନେଇଛନ୍ତି। ୨୬ ତାରିଖରେ ପ୍ରଥମ ସେମିଫାଇନାଲ, ୨୯ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୩୦ରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ବିଜୟୀ ଦଳକୁ ୬୦ ହଜାର ଏବଂ ରନର୍ସଅପ୍ ଦଳକୁ ୪୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

# ଏନ୍ଏସ୍ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍ଯାପିତ

ରାୟଗଡ଼ା ଅଫିସ,୨୪।୧୨

ରାୟଗଡ଼ା ମହିଳା ମହାବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଶିବିରର ଉଦଯାପନୀ ଉତ୍ସବ ଶନିବାର ପୋଷ୍ୟାଗ୍ରାମ ମାନଙ୍କଡ଼ାଝୋଲା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଦୁଇ ମେଡିସିନ ସ୍ପେଶାଲିଷ୍ଟ ମମତା ସାହୁ ଓ ମମତା ଚୌଧୁରୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହି ଶିବିରର ଉପାଦେୟତା ବିଷୟରେ ବୁଝାଇଥିଲେ। ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ ଶିବିରର ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପ୍ରୋଗ୍ରାମ ଅଫିସର କରୁଣା କାଡ୍ରାକା ଓ ସୁହାଶିଷ ଚୌହାନ ଶିବିରକୁ ପରିଚାଳନା କରିଥଲେ। ଏଥିରେ ୫୦ ସ୍ୱେଚ୍ଛାସେବୀଙ୍କ ସମେତ ୪୭ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଧାପିକା ଓ ଅଧାପକଙ୍କ ମଧରେ ସରୋଜା ମିଶ୍ର, ଯୋଗମାୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସ୍ୱଚ୍ଛତା, ପରିବେଶ, ନିଶା ନିବାରଣ, ଘରୋଇ ହିଂସା ଓ ପ୍ରତିକାର ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା।

# ଜିଆଇଇଟିରେ ଜାତୀୟ କୃଷକ, ଛତୁ ଦିବସ

ଗୁଣପୁର,୨୪।୧୨(ଡି.ଏନ୍.ଏ.)

ଗୁଣପୁର ସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟ ପକ୍ଷରୁ ଜାତୀୟକୃଷକ ଓ ଛତୁ ଦିବସ ଅନୁଷ୍ଠାନ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ପଣ୍ଡା କାଯ୍ୟକ୍ରମରେ ଅଧକ୍ଷତା କରି ବର୍ତ୍ତମାନ ଯୁଗରେ କୃଷକମାନଙ୍କ ଆର୍ଥିକ ମାନଦଣ୍ଡ କିପରି ସୁଦୃଢ଼ କରାଯାଇପାରିବସେ ନେଇ ଆଲୋକପାତ କରିଥିଲେ। ପ୍ରଫେସର ହରପ୍ରସାଦ ମିଶ୍ର ମଞ୍ଚସିନ ରହି ଚାଷୀଙ୍କ ଅତୀତର ସମସ୍ୟା ଏବଂ ତାହାର ସମାଧାନ ଉପରେ ଆଲୋକପାତ କରିଥିଲେ। ଉପାଧକ୍ଷ ପ୍ରଫେସର ଅଶୋକ କୁମାର ମିଶ୍ର କୃଷକଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡକୁ କିପରି ଉନ୍ନତିକରଣ କରାଯାଇପାରିବ ସେ ନେଇ ମତପୋଷଣ କରିଥିଲେ। ସ୍ଥାନୀୟକୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନ ବିଶେଷଜ୍ଞ ମଧୁମିତା ଷଡ଼ଙ୍ଗୀ, ଗଞ୍ଜାମ ଜିଲାର ଗୋଲଡେନ ସୁବୁଦ୍ଧି ଏବଂ ରାୟଗଡ଼ା ଜିଲାର ରାଜୀବ ଲୋଚନ ସାହୁଙ୍କୁ ମାନପାତ୍ର ତଥା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ବିଷମକଟକ ବ୍ଲକସ୍ତରୀୟ ଚଇତି ପ୍ରସ୍ତୁତି

ବିଷମକଟକ,୨୪।୧୨(ଡି.ଏନ୍.ଏ.)



ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ପାଳନ ନିମନ୍ତେ ଶନିବାର ବିଡିଓଙ୍କ କାର୍ଯ୍ୟାଳୟ ପକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଦାଶିବ ନାୟକଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଚଇତି ମହୋତ୍ସବକୁ କିପରି ଲୋକାଭିମୁଖୀ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗର ଲୋକଙ୍କୁ ସମିଲ କରି ନୃତ୍ୟ, ସଙ୍ଗୀତ, ବକ୍ତୃତା, ସାଙ୍ଗକୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ନିମନ୍ତେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ବିଭିନ୍ନ ବର୍ଗର ଲୋକଙ୍କୁ ସମିଲ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଉତ୍ସବରେ ସ୍ଥାନୀୟ ଅଞ୍ଚଳର କଳା ପଦର୍ଶନ କରିବା ନିମନ୍ତେ କଳାକାରଙ୍କୁ ସୁଯୋଗ ଦିଆଯିବ। ମହୋତ୍ସବ ପଡ଼ିଆରେ ବିଭିନ୍ନ ବିଭାଗ, ଏସ୍‌ଏଚ୍‌ଜିଙ୍କ ଦ୍ୱାରା ଷ୍ଟଲ ପଦର୍ଶନ କରାଯିବ। ଉତ୍ସବରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ବ୍ଲକ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ରାଜ୍ୟ ବିଜେଡି ଯୁବ ସମ୍ପାଦକ ଜ୍ୟୋତି ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପଥୀରାଜ ସାହୁ, ବାଳମୁକୁନ୍ଦ ପାଳ, ରାଧାକାନ୍ତ ପାଢ଼ୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ଖ୍ରୀଷ୍ଟମାସ ଦିବସ ପାଳିତ

ପଦ୍ମପୁର,୨୪।୧୨(ଡି.ଏନ୍.ଏ.)

ପଦ୍ମପୁର ରାମଚନ୍ଦ୍ରଗୁଡ଼ା ମୁକୁନ୍ଦ ବିହାର ସ୍ଥିତ ଆଇଡିଆଲ ପବ୍ଲିକ ସ୍କୁଲରେ ଖ୍ରୀଷ୍ଟମାସ ଦିବସ ଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ ଅପରାଜିତା ହୋତା ଯୋଗଦେଇ ଯିଶୁ ଖ୍ରୀଷ୍ଟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଅଧକ୍ଷା ଜ୍ୟୋତି ସାହୁ ପିଲାଙ୍କୁ ଭଲ ପାଠ ପଢ଼ିବା ପାଇଁ ଉପଦେଶ ଦେଇଥିବାବେଳେ ଓଲ୍ଡ କ୍ୟାମ୍ପସର ପ୍ରଧାନ ଶିକ୍ଷୟିତ୍ରୀ ମିତୁ ପାଢ଼ୀ ଜୀବନରେ ଆଗେଇ ଯିବା ପାଇଁ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଯିଶୁ କିପରି ବୁଲି ବୁଲି ଧର୍ମ ପ୍ରଚାର କରିଥିଲେ ସେ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଜିଙ୍ଗଲ ବେଲ୍‌ସ ଗୀତରେ ଝୁମିଥିଲେ। ୩ୟ ଶ୍ରେଣୀ ଛାତ୍ରୀ ଲାସ୍ୟା ସୁବୁଦ୍ଧି ସାନ୍ତା କ୍ଲଜ୍ ବେଶରେ ସମସ୍ତଙ୍କୁ ଚକୋଲେଟ ଓ ଉପହାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ର ଏବଂ ପିଲାମାନେ ମିଶି କେକ୍ କାଟିଥିଲେ। ସମସ୍ତଙ୍କ କେକ୍ ବଣ୍ଟା ଯାଇଥିଲା। ଶିକ୍ଷୟିତ୍ରୀ ଅର୍ପିତା ପଣ୍ଡା, ହରିପ୍ରୀୟା ପାଢ଼ୀ, ଶ୍ରୀୟାଞ୍ଜଳୀ ସାହୁ, ମଧୁସ୍ମିତା ମାଝି, ମନୋରମା ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ତ୍ରିପତି ଜେନା ଧନ୍ୟବାଦ ଦେଇଥିଲେ।



ଆଇଡିଆଲ ପବ୍ଲିକ ସ୍କୁଲରେ ପିଲାମାନେ ଖ୍ରୀଷ୍ଟମାସ ପାଳନ କରୁଛନ୍ତି।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଜାତୀୟ କର୍ମଶାଳା

ଗୁଣୁପୁର,୨୪।୧୨(ଡି.ଏନ.ଏ.)–ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ ଏବଂ ରୋଗପ୍ରତିରୋଧ ଶୀର୍ଷକ ଦ୍ୱିଦିନିଆ ଜାତୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଓ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗ ସହ ଅନୁବନ୍ଧିତ ଥିଲା। ଭାରତ ସରକାରଙ୍କ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମନ୍ତ୍ରଣାଳୟ ଏହାର ପ୍ରାୟୋଜକ ଥିଲେ। କର୍ମଶାଳାରେ ମୁଖ୍ୟଅତିଥି ରୂପେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଚିରଶ୍ରୀ ଘୋଷ ଯୋଗଦେଇ ପରିବେଶର ସୁରକ୍ଷା ଏବଂ ମାନବ ସଭ୍ୟତାର ବିକାଶ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ବିଦ୍ୟାଳୟର ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଜଙ୍ଗଲ ସୁରକ୍ଷା ସହ ସୁସ୍ଥ ଜଳବାୟୁ ହିଁ ମଣିଷ ଜୀବନକୁ ସରସ କରିଥାଏ ବୋଲି କହିଥିଲେ। ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଏଭଳି ପାଠଚକ୍ରର ଆବଶ୍ୟକତା ଉପରେ ମତ ରଖିଥିଲେ। କୁଳପତି ଡ. ଗୌତମ ଘୋଷ ସହରାଞ୍ଚଳ ହିଁ ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ। ଏହାକୁ ରୋକିବାରେ ସରକାର ଉପଯୁକ୍ତ ପଦକ୍ଷେପ ନେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଗବେଷକ ଡ. ଶୈଳେନ୍ଦ୍ର କୁମାର, ଭୁବନେଶ୍ୱରସ୍ଥିତ କ୍ଷେତ୍ରିୟ ଚିକିତ୍ସା ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ଡ. ମହେଶ ସାହୁ ଏବଂ ଉତ୍କଳ ବିଶ୍ୱ ବିଦ୍ୟାଳୟର ଅଧାପକ ଡ.ସରୋଜ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱମତ ରଖିଥିଲେ। କର୍ମଶାଳାରେ ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ଡ. ମନୋଜ ଦାସ ସ୍ୱାଗତ ସୂଚନା ଦେଇଥିଲେ। କେମିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ରାଧାକୃଷ୍ଣ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଅଧାପିକା ଘନିଷ୍ଠା ପୃଷ୍ଟି ପରିଚାଳନା କରିଥିଲେ। ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନଭି ଜଗନ୍ନାଥ ରାଓ, ଡିନ୍ ଏ.ବି. ଶ୍ରୀନିବାସ ରାଓ, ଡିନ ଡ. ଏଭିଏନ ଏଲ.ଶର୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଦ୍ମପୁର ବ୍ଲକର ୭ ସ୍କୁଲ ସ୍ମାର୍ଟ ହେବ

ପଦ୍ମପୁର, ୨୪।୧୨(ଡି.ଏନ୍.ଏ.)



**ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ**

ପଦ୍ମପର ବ୍ଲକରେ ତୃତୀୟ ପର୍ଯ୍ୟାୟରେ ୭ଟି ହାଇସ୍କୁଲକୁ ୫–ଟି ଅଧୀନରେ ରୁପାନ୍ତରିତ କରାଯିବ। ଏ ନେଇ ଶୁକ୍ରବାର ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ଲକ ଅନ୍ତର୍ଗତ ଡେରିଙ୍ଗା ହାଇସ୍କୁଲ, ପଦ୍ମପୁର ବାଳିକା ଉଚ୍ଚବିଦ୍ୟାଳୟ, ବିରିପଦର ହାଇସ୍କୁଲ, ଖିଲାମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ, ଖମ୍ପାଗିଗୁଡ଼ା ବୁଦ୍ଧରାଜ ହାଇସ୍କୁଲ, ଲିକିଟିପଦର ଏବଂ ନୂଆଗଡ଼ ହାଇସ୍କୁଲକୁ ରୁପାନ୍ତରିତ କରାଯିବ। କାର୍ଯ୍ୟକ୍ରମ ସମୟରେ ସମସ୍ତ ସରପଞ୍ଚ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସ୍ମାର୍ଟ ସ୍କୁଲ ହେବାଦ୍ୱାରା ପିଲାମାନେ ସ୍ମାର୍ଟ କ୍ଲାସରୁମ୍‌ରେ ପଢ଼ିବେ। ଆଦିବାସି ଅଞ୍ଚଳରେ ଶିକ୍ଷାର ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିଧାୟକ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନବେଳେ ବିଡିଓ ରିନା ପ୍ରଧାନ, ବ୍ଲକ ଅଧକ୍ଷା ମଣିମାଳା ଶବର, କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ରାଓ, ପ୍ରଦୀପ ପାଢ଼ୀ, ଏଇ ରଶ୍ମିତା ଶବର, ଡବ୍ଲୁଇଓ ସସ୍ମିତା ରଥ, ଜିଲା ପରିଷଦ ସଭ୍ୟା ଡରଗିନ ଶବର ଏବଂ ରବି ନାରାୟଣ ଆଚାର୍ଯ୍ୟ, ବିଜେଡି ଜିଲା ଛାତ୍ର ସଭାପତି ପିଙ୍କୁ ପଣ୍ଡା, ଦୁର୍ଗା ସାହୁ, ରଘୁନନ୍ଦନ ନାୟକ, ରମାକାନ୍ତ ମାଝି, କୈଳାସ କ୍ରାସ୍କା, ବ୍ରଜ ସୁନ୍ଦର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେବ ହାତରେ ହାତ ଯୋଡ଼ ଅଭିଯାନ

ମାଲକାନଗିରି,୨୪।୧୨ (ଡି.ଏନ୍.ଏ.)–ମାଲକାନଗିରି ସଦର ମହକୁମାସ୍ଥିତ ଜିଲା କଂଗ୍ରେସ ଭବନଠାରେ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପର୍ଯ୍ୟବେକ୍ଷକ ଭାବେ ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି ଯୋଗଦେଇଥିଲେ। ଆଗାମୀ ଦିନରେ ହାତରେ ହାତ ଯୋଡ଼ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ରାଜ୍ୟ ସରକାର ଚାଷୀ, ଗରିବ ଖଟିଖିଆଙ୍କ ସମସ୍ୟା ଦୂର କରିବାରେ ଅସମର୍ଥ ହୋଇଥିବା ସଭାପତି ପାତ୍ର ଅଭିଯୋଗ କରିଥିଲେ। ମାଲକାନଗିରି ଜିଲାରେ ସାଧାରଣ ଗରିବ ଲୋକ ଏବଂ ଚାଷୀମାନେ କିପରି ଉପଯୁକ୍ତ ନ୍ୟାୟ ପାଇବେ ସେ ନେଇ କଂଗ୍ରେସ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ବୁଥ୍ କମିଟି ଗଠନ କରାଯାଇ ଦଳର ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା, ଜି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗୀ, ମାଲା ମାଡି, ପର୍ଶୁରାମ ଭକ୍ତଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଖାଉଟି ଦିବସ ପାଳିତ

ରାୟଗଡ଼ା,୨୪।୧୨(ସ୍ୱ.ପ୍ର.)

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ରାୟଗଡ଼ା ଜିଲା ଶାଖା ପକ୍ଷରୁ ରାୟଗଡ଼ା ରିଙ୍ଗ୍‌ରୋଡ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ବିଦ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଉପଭୋକ୍ତା ମାନେ କିଭଳି ଠକାମୀ ଏବଂ ଶୋଷଣର ଶିକାର ହେଉଛନ୍ତି, ବ୍ୟାଙ୍କ, ବିଦ୍ୟୁତ୍, ବସ୍, ରେଳ, ଉଡ଼ାଜାହାଜ ଦ୍ୱାରା ଯାତାୟାତ, କୃଷି ସାମଗ୍ରୀ, ଖାଦ୍ୟ ସାମଗ୍ରୀ, ପାନୀୟ ଜଳଯାଗାଣ, ତୈଳ, ଗ୍ୟାସ, ବୃଦ୍ଧାବସ୍ଥା ପେନସନ ଏବଂ ହୋଟେଲ ଓ ରେସ୍ତୋରାଁ ମାନଙ୍କରେ ଦିଆଯାଉଥିବା ଖାଦ୍ୟ ମୂଲ୍ୟରେ ଜିଏସ୍‌ଟି ଲାଗୁ କରିଥାନ୍ତି। ଏହାଦ୍ୱାରା ଗରିବ ଏବଂ ମଧମ ପରିବାରର ଗ୍ରାହକ କିପରି ଶୋଷଣର ଶିକାର ହେବା ସହ ଅସୁବିଧାର ସମୁଖୀନ ହେଉଛନ୍ତି ସେ ବିଷୟରେ ମତ ରଖିଥିଲେ। ସେହିପରି ସଂଘର ଆଇନ ପରାମର୍ଶଦାତା କିଶୋର କୁମାର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପରମାନନ୍ଦ ପ୍ରଧାନ, କୁମାରୀ ବାଡତ୍ୟା, ମୋହନ ରାଓ ମାଝି, ମୁନା ସିଂ, ଦୂର୍ଗାମାଧବ ଘୋଷ, ଧର୍ମସିଂ ନାଗ, ନିରଞ୍ଜନ ସେନାପତି, ଗଣେଶ କୁମାର ସାହୁ , ରାଜେଶ ପାଳ ଏବଂ ସଂଘର ସଦସ୍ୟ ପରିଚାଳନା କରିଥିଲେ।



# ଗୁଣପୁରରେ ମେଗା କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବଂଶଧାରା ବସନ୍ତ ମହୋତ୍ସବ ଉପଲକ୍ଷେ କ୍ରୀଡ଼ା**

ଗୁଣପୁର,୨୪।୧୨(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ଏକାଦଶ ବଂଶଧାରା ବସନ୍ତ ମହୋତ୍ସବ ଜାନୁୟାରୀ ୨୬ ରୁ ଆରମ୍ଭ ହେବ। ଏହି ଉପଲକ୍ଷେ ଗୁଣପୁରଠାରେ କ୍ରୀଡ଼ା ପରିଷଦ ପକ୍ଷରୁ ମେଗା କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଦୌଡ଼ରାଣୀ ଦୂତୀ ଚାନ୍ଦ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ସେହିଭଳି ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମିନି ଷ୍ଟାଡିୟମ ଠାରେ ଆୟୋଜିତ ବଂଶଧାରା କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏଥିଲାଗି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଦକ୍ଷୀଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ସେଠାରେ ନବ ନିର୍ମାଣ ସମିତିର ଅଧକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ସଭାର ଆୟୋଜନ ହୋଇଥିଲା। ଦୂତୀଙ୍କ ସମେତ ବିଧାୟକ ରଘୁନାଥ ଗମାଙ୍ଗ, ଉପଜିଲାପାଳ ଲଳିତ କୁମାର କହଁର, ପୌର ପରିଷଦର ଅଧକ୍ଷା ମମତା ଗୌଡ଼ ପ୍ରମୁଖ ମଞ୍ଚାସିନ ଥିଲେ। ଏହାପରେ ବଂଶଧାରା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ ହୋଇଥିଲା। ନବ ନିର୍ମାଣ ସମିତିର ସମ୍ପାଦକ ରଞ୍ଜିତ ପାଢ଼ୀ, ଉପ ସଭାପତି ଉମାଶଙ୍କର ଦାସ, କ୍ରୀଡ଼ା ପରିଷଦର ସଭାପତି ଦେବ ପ୍ରସାଦ ପାଢ଼ୀ, ସମ୍ପାଦକ ସପନ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ୭୦ କ୍ରୀଡ଼ାବିତ୍‌ଙ୍କୁ ଏଠାରେ ଖେଳରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ମଶାଲ ଶୋଭାଯାତ୍ରାରେ ଦୌଡରାଣୀ ଦୂତୀ ଚାନ୍ଦ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଗୁଣି ସନ୍ଦେହରେ ମହିଳାଙ୍କୁ ମାଡ଼



ମାଲକାନଗିରି, ୨୪।୧୨ (ଡି.ଏନ.ଏ.)- ମାଲକାନଗିରିର ନିକଟସ୍ଥ ବିଏଲପୁର ପଞ୍ଚାୟତର ମେଟ୍ଟାଗୁଡା ଗ୍ରାମରେ ଜଣେ ମହିଳାଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହରେ ମାଡ ମାରିବା ସହ ତାଙ୍କ ଉପରକୁ ଗରମପାଣି ପକାଇ ଦେଇଥିବା ଅଭିଯୋଗ ହୋଇଛି। ଗ୍ରାମର ସାମ ସୁକୁରୀଙ୍କ ସ୍ତ୍ରୀ ନନ୍ଦାଇ ଗୁଣି ଗାରେଡି କରୁଥିବା ନେଇ ତାଙ୍କୁ ଗ୍ରାମର କେତେ ଜଣ ବ୍ୟକ୍ତି ସନ୍ଦେହ କରି ଆସୁଥିଲେ। ଗ୍ରାମର ରାମଚନ୍ଦ୍ର ଚାଲାଣ, ସମାରି ଚାଲାଣ, ସୋନୁ ଚାଲାଣ, ସମାରୀ ଚାଲାଣ, ସମା ହନ୍ତାଳଙ୍କ ସହ ପ୍ରାୟ ୧୦ ଜଣ ମିଶି ନନ୍ଦାଇଙ୍କୁ ଧରି ଗରମ ପାଣିରେ ତାଙ୍କ ହାତ ବୁଡାଇଦେବା ସହ ମାଡ ମାରିଥିଲେ। ନନ୍ଦାଇଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କେସ୍ ନଂ. ୭୬୩/୨୨।

### ଜୟପୁରରେ ସ୍ୱାସ୍ଥ୍ୟସେବା ଶିବିର

ଜୟପୁର,୨୪।୧୨(ନି.ପ୍ର.)-ଜୟପୁର ଘୋଡ଼ାଶାଳ ପଡ଼ିଆଠାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଚ୍‌ସିଜି କ୍ୟାନ୍ସର ହସ୍ପିଟାଲ ବିଶାଖାପାଟଣା ଓ ଜୟପୁରର ମଦନି ତଞ୍ଜିମ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଉପଜିଲାପାଳ ବେଦବର ପ୍ରଧାନ, ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ସାମାଜିକ କର୍ମୀ ସୁବାସ ରାଉତ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।

### ଆଇଏମ୍‌ଏସ୍‌ଟି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମାଲକାନଗିରି,୨୪।୧୨ (ଡି.ଏନ୍.ଏ.)- ମାଲକାନଗିରି ସଦର ମହକୁମାସ୍ଥିତ ଆଇଏମଏସ୍‌ଟି ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅନ୍ୟତମ ଅତିଥି ଭାବେ ତହସିଲଦାର ଚନ୍ଦନ ଭୋଇ, ଅତିରିକ୍ତ ତହସିଲଦାର ଜଗଦିଶ କାର୍ତ୍ତାମୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ମାନଙ୍କୁ ଭଲ ପାଠପଢିବା ସହିତ ଖେଳକୁଦ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଆଦି ଉପରେ ପାରଙ୍ଗମ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ପ୍ରବନ୍ଧ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ରାଇମସ୍, କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ



କରିଥିଲେ। ବିଦ୍ୟାଳୟ ଅଧକ୍ଷ ୱାଇ. ଯୀଶୁ ଦାସ ବିବରଣୀ ପାଠ କରିଥିଲେ। ଆଇଏମ୍‌ଏସ୍‌ଟି ଓଡିଶା ଓ ଛତିଶଗଡ଼ର ଫିଲ୍ଡ କୋର୍ଡିନେଟର ଶିବରାଜ, ଡାନିଏଲ ମାନୁଆଲ ରାଜ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ କିର୍ତ୍ତନିଆ, ଉପାଧକ୍ଷା ସୁଧାମଣି ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ପଥରକ୍ୱାରିକୁ ଗ୍ରାମବାସୀଙ୍କ ବିରୋଧ

ମାଲକାନଗିରି, ୨୪।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମାଲାଭରମ ପଞ୍ଚାୟତ ଅଧୀନ ତିନରାଜପାଲି ନିକଟରେ ଏମଭି-୮୧ ଗ୍ରାମକୁ ଯିବା ରାସ୍ତାରେ ଥିବା ବିଶ୍ୱନାଥ ରେଡ୍ଡି ପଥରକ୍ୱାରିକୁ ଶନିବାର ଗ୍ରାମବାସୀ ବିରୋଧ କରିଛନ୍ତି। ପୂର୍ବତନ ସରପଞ୍ଚ ଜଗା ମାଢୀ,ଗ୍ରାମ ମୁଖିଆ ନିଚ୍ଚୁ ଗାଙ୍ଗୀ, ଲାଛା ବାନ୍ଦାମ,ଏରା କାରାମଙ୍କ ସହ ଗ୍ରାମବାସୀ କ୍ୱାରିରେ ପହଞ୍ଚି ଏହାକୁ ବନ୍ଦ କରିଦେଇଛନ୍ତି। ଏହି ପଥରକ୍ୱାରି



ପଥର ବାରିକୁ ବିରୋଧ କରିଥିବା ଗ୍ରାମବାସୀ।

ଆରମ୍ଭ ପରେ ଏହାର ପ୍ରଭାବରେ ଗ୍ରାମର ଅନେକ ଘରଦ୍ୱାର ଭାଙ୍ଗି ନଷ୍ଟ ହୋଇଛି। କାହାର ଘରର କାନ୍ଥ ଭୁଷୁଡିଛି ତ କାହା ଘରର ଛାତ ଆଜବେଷ୍ଟସ ଫାଟିଯାଇଛି। ପଥର ବ୍ଲାଷ୍ଟିଂ ଯୋଗୁ ଏବଂ ଏହାର ଗ୍ୟାସରେ ଅଞ୍ଚଳର ପରିବେଶ ଦୂଷିତ ହୋଇଛି। ଅନେକ ଲୋକ ରୋଗାକ୍ରାନ୍ତ ହେଲେଣି। ଅନେକ ଗୃହପାଳିତ ପ୍ରାଣୀ ଗାଈ, ଛେଳି, ମେଣ୍ଢା, କୁକୁଡା, କୁକୁର, ବିଲେଇ ଆଦି ଏହି ବ୍ଲାଷ୍ଟିଙ୍ଗର ଗ୍ୟାସ ଯୋଗୁ ମୃତ୍ୟୁବରଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ୨୦୨୩ ଅପ୍ରେଲ ପର୍ଯ୍ୟନ୍ତ ପଥର କ୍ୱାରିର ଅବଧି ରହିଥିବା ଜଣା ପଡିଛି । ସୂଚନାଯୋଗ୍ୟ, ପୂଜକ ଲାଛା ବାନ୍ଦାମଙ୍କୁ ପ୍ରତିଦିନ ରାତିରେ ସ୍ୱପ୍ନରେ ଏହି ପଥର କ୍ୱାରି ବନ୍ଦ ନ ହେଲେ ଆଗକୁ ୩୬୦ ଜଣଙ୍କ ମୃତ୍ୟୁ ହେବ ବୋଲି ସେ ସ୍ୱପ୍ନ ଦେଖିଥିବା କହିଛନ୍ତି।

## ଗୀତା, ଶ୍ଳୋକ ଆବୃତ୍ତି କରି ଚର୍ଚ୍ଚାରେ ମହେଶ, ଧନେଶ୍ୱରୀ

ମାଲକାନଗିରି,୨୪।୧୨(ଡି.ଏନ.ଏ.)



ଅନର୍ଗଳ ମୁହଁରୁ ତାଙ୍କର ବାହାରି ପଡୁଛି ଗୀତା ଶ୍ଳୋକ। ଜିଲା ସ୍ତରରେ ଗୀତା ଶ୍ଳୋକ ଆବୃତ୍ତି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ସେ ରାଜ୍ୟସ୍ତରରେ ନିଜ ପ୍ରତିଭାର ପରିଚୟ ଦେବେ। ସେ ହେଉଛନ୍ତି ବଡଗୁରାଲ ଗ୍ରାମର ମହେଶ ହନ୍ତାଳ। ମହେଶ ଜଣେ ଅନାଥ ପିଲା ମାଲକାନଗିରି ଆଓମା ଗୁରୁକୁଳରେ ରହି କୁମୁଟିଗୁଡା ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି। ଗୀତାର ସଂସ୍କୃତ ଶ୍ଳୋକଗୁଡିକୁ ସେ ନିର୍ଭୁଲ ଭାବେ ସ୍ପଷ୍ଟ ଉଚ୍ଚାରଣ କରି ଆବୃତ୍ତି କରିପାରୁଛନ୍ତି। ଛୋଟ ବେଳ ଗୀତା ଶ୍ଳୋକଗୁଡିକ ପଢି ମନେ ରଖିବା ଆରମ୍ଭ କରିଥିଲେ ମହେଶ। ତାଙ୍କର ଏହି ଗୁଣକୁ ଗୁରୁ ସରୋଜ ଦାସ ଜାଣିବା ପରେ ତାଙ୍କୁ ବିଶେଷ ଗୁରୁତ୍ୱ ଦେଇଥିଲେ। ପ୍ରଜ୍ଞା ମିଶନର ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ମହେଶ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କୁ ଚକିତ କରିଥିଲେ। ଆଗାମୀ ଦିନରେ ପୁରୀରେ ହେଉଥିବା ରାଜ୍ୟସ୍ତରର ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ସେ ଭାଗ ନେବେ ବୋଲି ଜଣାପଡିଛି। ସେହିପରି ସମାନ ରୂପେ ମାଲକାନଗିରି ଜିଲାର ପରଜାଗୁଡା କଲୋନୀର ଜଣେ ଦୃଷ୍ଟିଶକ୍ତିହୀନ ଛାତ୍ରୀ ଧନେଶ୍ୱରୀ ଜାନି ମଧ୍ୟ ନିଖୁଣ ରୂପେ ଗୀତା ଆବୃତ୍ତି କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ଜିଲା ସଦର ମହକୁମାସ୍ଥିତ କୁମୁଟିଗୁଡା ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢଛନ୍ତି। ତାଙ୍କୁ ଏଥିରେ ଶିକ୍ଷୟିତ୍ରୀ ରଶିବାଳା ପରିଡା ସହଯୋଗ କରୁଛନ୍ତି । ସେ ମଧ୍ୟ ଜିଲାସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

## ପ୍ରସ୍ତୁତ ଘୋଷଣାପତ୍ର ଅନୁଯାୟୀ ପାରିତହେଲା ୧୩ ପ୍ରସ୍ତାବ

କୋରାପୁଟ,୨୪।୧୨(ସ୍ୱ.ପ୍ର.)

- ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଯାପିତ
- ୨ଜଣଙ୍କୁ ଡାକ୍ତର ଅଜୟ ପରିଡ଼ା ଯୁବ ବୈଜ୍ଞାନିକ ପୁରସ୍କାର
- ରାଜ୍ୟ,ରାଜ୍ୟ ବାହାରରୁ ଉପସ୍ଥିତ ଥିଲେ ବହୁ ବୈଜ୍ଞାନିକ

କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସରେ ୩ଦିନ ଧରି ଚାଲିଥିବା ୧୩ତମ ଓଡ଼ିଶା ପରିବେଶ କଂଗ୍ରେସ-୨୦୨୨ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। 'ପରିବେଶ ଓ ଆଦିବାସୀ' ଶୀର୍ଷକ ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ଓଡ଼ିଶା ପରିବେଶ ସମିତିର ଅଧ୍ୟକ୍ଷ ଡ. ଏସ୍.ଏନ୍. ପାତ୍ର, ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ, ସମ୍ପାଦକ ଭୃଗୁ ବକ୍ସିପାତ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ବିଭାଗ ଡିନ୍ ପ୍ରଫେସର ଶରତ ପଲିତା, କୋଟସ ନିର୍ଦ୍ଦେଶକ ଡ. ପି.ସି. ମହାପାତ୍ର, ଡ. ଜଗବନ୍ଧୁ ସାମଲ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ରୀତା ରାୟ, ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସଦସ୍ୟ ଉମି ଡାନିଏଲ, କେଏଫ୍‌ଏର ସମ୍ପାଦକ ଶରତ ପଟ୍ଟନାୟକ, ମହାନଦୀ ବଞ୍ଚାଓ ଆନ୍ଦୋଳନର ବିଜୟ ପ୍ରଧାନ, ଶ୍ରୀର ସମ୍ପାଦକ କୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ପରିବେଶ ଓ ଆଦିବାସୀ ଶୀର୍ଷକ ଉପରେ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ବୈଜ୍ଞାନିକ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଏହି ଅବସରରେ ପରିବେଶ କଂଗ୍ରେସର ଏକ ଘୋଷଣାପତ୍ର ପ୍ରସ୍ତୁତ କରାଯାଇଥିଲା। ପରିବେଶ ଓ ଆଦିବାସୀ ବିଷୟବସ୍ତୁ ଉପରେ ଆଧାରିତ ୧୩ ପ୍ରସ୍ତାବ ପାରିତ ହୋଇଥିଲା। ଏହି ଅବସରରେ କୋରାପୁଟର ଆଦିବାସୀ ନେତା ହରି ପାଙ୍ଗୀଙ୍କୁ ପ୍ରଫେସର ରାଧାମୋହନ ଗ୍ରୀନ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ବେଲପାହାଡ଼ସ୍ଥିତ ଟାଟା ରିଫ୍ରାକ୍‌ଟୋରି ଲିମିଟେଡ୍‌କୁ ଏସ୍.ବି. ମିଶ୍ର ଗ୍ରୀନ୍ ପୁରସ୍କାର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ପର୍ସନ ପ୍ରଫୁଲ୍ଲ ବେହେରା ଓ ପ୍ରକାଶ ପାରାସେଠଙ୍କୁ ଡାକ୍ତର ଅଜୟ ପରିଡ଼ା ଯୁବ ବୈଜ୍ଞାନିକ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ପରିଚାଳନା କରିଥିଲେ।




ଆଦିବାସୀ ନେତା ହରି ପାଙ୍ଗୀଙ୍କୁ ପ୍ରଫେସର ରାଧାମୋହନ ଗ୍ରୀନ୍ ଆୱାର୍ଡରେ ପୁରସ୍କୃତ କରାଯାଉଛି।

## ସହରରେ ଆରମ୍ଭ ହେଲା ଡିଜିଟାଲ ଲାଇଟ୍ ଟ୍ରାଫିକ ବ୍ୟବସ୍ଥା

କୋରାପୁଟ,୨୪।୧୨ (ସ୍ୱ.ପ୍ର.)

କୋରାପୁଟ ସଦର ମହକୁମାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ସହରର ଟ୍ରାଫିକ ଛକ ଓ ବାଟମଙ୍ଗଳା ଛକଠାରେ ୨ଟି ଡିଜିଟାଲ ଟ୍ରାଫିକ ଲାଇଟ୍ ବ୍ୟବସ୍ଥାର ଶନିବାର ଶୁଭାରମ୍ଭ ହୋଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଯୋଗଦେଇ ସୁଇଚ୍ ଟିପି ଏହି ବ୍ୟବସ୍ଥାର ଶୁଭାରମ୍ଭ କରି ଏଣିକି ସହରର ଏହି ଦୁଇ ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନା ସହଜ ହେବ ବୋଲି କହିଥିଲେ। ଆଗାମୀ ଦିନରେ ସହରର ଗୁଣ୍ଡିଚା ଛକଠାରେ ମଧ୍ୟ ଏପରି ଡିଜିଟାଲ ଟ୍ରାଫିକ ଲାଇଟ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଏସ୍‌ଡିପିଓ ମନୋଜ ପୂଜାରୀଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋରାପୁଟ ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି। ଫଳରେ ସହର ମଧ୍ୟରେ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଗାଡ଼ିମୋଟର ଚଳପ୍ରଚଳ ହେତୁ ସହରରେ ଟ୍ରାଫିକ ବ୍ୟବସ୍ଥା ଜଟିଳ ହୋଇପଡୁଛି।

## କୁଡୁମୁଲୁଗୁମ୍ମା ପଞ୍ଚାୟତର ମାସିକ ସମୀକ୍ଷା ବୈଠକ



ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

କୁଡୁମୁଲୁଗୁମ୍ମା,୨୪।୧୨(ଡି.ଏନ୍.ଏ.)

କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ପଞ୍ଚାୟତର ମାସିକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୁଣ୍ଡୁରିଗୁଡ଼ାର ଦିବଂଗତ ୱାର୍ଡସଭ୍ୟ ଡମ୍ବୁ କୁଆସିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସରପଞ୍ଚ ମଙ୍ଗଳା ମାଢ଼ିଙ୍କ ସଭାପତିତ୍ୱରେ ହୋଇଥିବା ବୈଠକକୁ ପିଇଓ ରେବତୀ ମାଝି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ନାଏବ ସରପଞ୍ଚ ହସମତୀ ହନ୍ତାଳ, ସମିତିସଭ୍ୟା ମୁନି ସଗରିଆ, ସମସ୍ତ ୱାର୍ଡ ସଭ୍ୟ,ଯୋଗାଣ ସହାୟକ ଦେବେନ୍ଦ୍ର ରାଉତ, ମିଟୁ ମହାରଣା ଓ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ। ବୈଠକରେ ପଞ୍ଚାୟତରେ ବିଭିନ୍ନ ବିଭାଗର ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ପାଇଁ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା, ଉନ୍ନୟନ, ଖାଦ୍ୟ ଯୋଗାଣ, ପେନ୍‌ସନ, ପାନୀୟ ଜଳ ଯୋଗାଣ ଓ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ବୈଠକରେ ଆଲୋଚନା ହୋଇଥିଲା। ସଭ୍ୟ ସୁବ୍ରତ ମଲ୍ଲିକ ପଞ୍ଚାୟତର ରାଜସ୍ୱ ବୃଦ୍ଧି ନେଇ ମୁଖ୍ୟ ବଜାରର ହସ୍ପିଟାଲ ସମ୍ମୁଖରେ ଆଉ ୫ଟି ଦୋକାନ ଗୃହ ଓ ଶୌଚାଳୟ ନିର୍ମାଣ ଲାଗି ପ୍ରସ୍ତାବ ଦେଇଥିଲେ। ସଭ୍ୟ ପିଣ୍ଟୁ ସ୍ୱାଇଁ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟକୁ ସଂଲଗ୍ନ ରାସ୍ତା ଓ ଡ୍ରାଇଭରଗୁଡ଼ାଠାରୁ ଗୁଣ୍ଡୁରିଗୁଡ଼ା ରାସ୍ତାକୁ ପକ୍କାରାସ୍ତାରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଦୋରାଗୁଡ଼ା ସଭ୍ୟ ହରି ମାଢ଼ୀ ନିଜ ୱାର୍ଡର ପାନୀୟ ଜଳ ସମସ୍ୟା ନେଇ ଅବଗତ କରାଇଥିଲେ।

## ସାଇବର ଥାନା ଜୟପୁରରେ ପ୍ରତିଷ୍ଠା ଦାବି

ଜୟପୁର, ୨୪।୧୨(ନି.ପ୍ର.)

**ଆମ ପୋଲିସ ସମିତି ବୈଠକ**

ଜୟପୁର ଟାଉନ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଶନିବାର ହୋଇଯାଇଛି। ଥାନା ଅଧିକାରୀ ସସ୍ମିତ ବେହେରା, ଏସ୍‌ଆଇ ସଞ୍ଜୀବ ମହାନ୍ତି, ଏସ୍‌ଆଇ ମନୀଷା ସାହୁ, ବିଷ୍ଣୁ ମାଡକାମି, ଏଏସ୍‌ଆଇ ସତ୍ୟ ନାୟକଙ୍କ ସହ ସହରର ବୁଦ୍ଧିଜୀବୀ, କାଉନସିଲରମାନେ ଉପସ୍ଥିତ ଥିଲେ। ସାଇବର କ୍ରାଇମ, ଟ୍ରାଫିକ ସମସ୍ୟା, ମଦ କାରବାର ରୋକିବା, ନାବାଳକ ବାଇକ୍ ଚଳାଇବା ଉପରେ ରୋକ ଲଗାଇବା, ବାଇକ ଚଲାଇବା ବେଳେ ହେଲ୍‌ମେଟ ପିନ୍ଧିବା, ଘରଭଡ଼ା ଦେଉଥିଲେ ରହୁଥିବା ବ୍ୟକ୍ତିଙ୍କ ବିଷୟରେ ବିବରଣୀ ସମ୍ପର୍କିତ କାଗଜପତ୍ର ରଖି ଏ ସମ୍ପର୍କରେ ପୋଲିସକୁ ସୂଚନା ଦେବା, ଦ୍ରୁତଗତିରେ ବାଇକ୍ ଚଳାଉଥିବା ଚାଳକ ଉପରେ କାର୍ଯ୍ୟାନୁଷ୍ଠାନ, ଚୋରି, ଲୁଟ ଅପରାଧକୁ ନିୟନ୍ତ୍ରଣ ନେଇ ଆଲୋଚନା ହୋଇଥିଲା। ବୈଠକରେ କୋରାପୁଟରେ ଥିବା ସାଇବର ଥାନାକୁ ଜୟପୁରରେ ପ୍ରତିଷ୍ଠା କରିବାକୁ ସହରବାସୀ ଦାବି କରିଥିଲେ। ଅଜଣା ଲୋକଙ୍କ ଫୋନ କଲ୍ ଆସିଲେ କୌଣସି ଗୁରୁତ୍ୱପୂର୍ଣ୍ଣ ନମ୍ବର, ସୂଚନା ନ ଦେବା, ଓଟିପି ନମ୍ବର କାହାକୁ ନ ଦେବା ଲାଗି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।



ବୈଠକରେ ପୋଲିସ ଓ ଜନସାଧାରଣ ଆଲୋଚନା କରୁଛନ୍ତି।

## ବେଆଇନ ଗୋଚାଲାଣ ବନ୍ଦ ଦାବି

ଜୟପୁର,୨୪।୧୨ (ନି.ପ୍ର.)

କୋରାପୁଟ ଜିଲାର ବୈପାରିଗୁଡ଼ାଠାରୁ ମାଲକାନଗିରି ଜିଲାର ଗୋବିନ୍ଦପାଲି ରାସ୍ତାରେ କଣ୍ଟେନରରେ ଅବାଧ ଗୋଚାଳନା ହେଉଛି। ପୂର୍ବରୁ ଥିବା ଟୋପଯୋଡ଼ିଠାରେ ଏକ ଦୁର୍ଘଟଣା ଘଟି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ୧୫ ଗୋରୁଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏନେଇ ସେତେବେଳେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବୈପାରିଗୁଡା ଉପଖଣ୍ଡ ସଭାପତି ନିର ଭାଇ ଓ ଜିଲା ସଙ୍ଗଠନ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀ ନାରାୟଣ ପାଢ଼ୀ, ରାଜନୀକାନ୍ତ ନାୟକ, ଦେବେନ୍ଦ୍ର ବାହିନୀପତି, ହିନ୍ଦୁ ସଙ୍ଗଠନର ଲଳିତ ଅଗ୍ରୱାଲ ପ୍ରମୁଖ ଉପଖଣ୍ଡୀୟ ଆରକ୍ଷୀ ଅଧିକାରୀଙ୍କ ନିକଟରେ ବେଆଇନ ଗୋଚଲାଣ ବନ୍ଦ କରିବା ଲାଗି ଦାବି କରାଯାଇଥିଲା। ଶୁକ୍ରବାର ବେଆଇନ ଗୋଚାଲାଣ ବେଳେ ବୈପାରିଗୁଡ଼ାରେ ୩୬ ଗୋରୁଙ୍କ ମୃତ୍ୟୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ଉଦ୍‌ବେଗ ପ୍ରକାଶ କରିଛି। ଗୋଚାଲାଣ ରୋକିବାରେ ଉଦାସୀନ ରହୁଥିବା ବୈପାରିଗୁଡ଼ା ପୋଲିସ କର୍ମଚାରୀଙ୍କ ଉପରେ ପରିଷଦ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

## ମାଓବାଦୀ ଗଡ଼ରେ ହିନ୍ଦୁଧର୍ମର ସମ୍ମିଳନୀ

ମାଥିଲି,୨୪।୧୨(ଡି.ଏନ.ଏ.)

ଦିନ ଥିଲା ଯେଉଁଠି ମାଓବାଦୀଙ୍କ ପ୍ରଜାମେଳି ବସୁଥିଲା ଆଜି ସନାତନ ହିନ୍ଦୁଧର୍ମର ମହାସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ବ୍ଲକ ମାର୍କାପାଲ୍ଲି ପଞ୍ଚାୟତର କୁରୁମପାଲ୍ଲି ଗ୍ରାମରେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ଅର୍ଜୁନ ମାଝି, ସଞ୍ଜୟ କୁମାର, ସିରପେଟା ମନ୍ଦିର ପୂଜକ ବିଜୟ ପଣ୍ଡା ଯୋଗଦେଇ ସାଧୁସନ୍ଥମାନଙ୍କ ବାଣୀ ଆଲୋକପାତ କରି ହିନ୍ଦୁଧର୍ମ କିପରି ଅଞ୍ଚଳରେ ପ୍ରଚାର ପ୍ରସାର ହେବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଆଜିର ଯୁବପିଢ଼ି ଆମ ହିନ୍ଦୁଧର୍ମର ପରମ୍ପରା ଭୁଲିଯାଇ ଆଧୁନିକତାକୁ ଆପଣେଇବରେ ବ୍ୟସ୍ତ ରହୁଛନ୍ତି। ଭାରତର ମୁନିଋଷିମାନେ ଯେଉଁ ପରମ୍ପରା ଶିଖେଇଯାଇଛନ୍ତି ସେହି ପରମ୍ପରା ଆଜିର ଯୁବପିଢ଼ି ଗ୍ରହଣ କଲେ ହିନ୍ଦୁଧର୍ମ ଯଥାର୍ଥ ପ୍ରଚାର ପ୍ରସାର ହୋଇପାରିବ। ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ପ୍ରତି ଗ୍ରାମରେ ଆୟୋଜନ କରାଯିବ ବୋଲି ଆଚାର୍ଯ୍ୟ ମାଝି ସୂଚନା ଦେଇଥିଲେ। ସମ୍ମିଳନୀକୁ ସନାତନ ହିନ୍ଦୁଧର୍ମର ବ୍ଲକ କମିଟି ସଭାପତି ରାଜେନ୍ଦ୍ର ଦଳପତି, ଉପ ସଭାପତି ଅଶୋକ, କୋଷାଧ୍ୟକ୍ଷ ମଙ୍ଗରାଜ ଦାଶ,ସହ ସମ୍ପାଦକ କଳ୍ପତରୁ ନାୟକ, କମିଟି ସଦସ୍ୟ ଗଣପତି ଲାଲା, କାଶୀନାଥ ରଣା ପରିଚାଳନା କରିଥିଲେ।



ସଭାରେ ଉପସ୍ଥିତ ଗ୍ରାମବାସୀ ।

## ଛେଳି ଚୋରକୁ ଧରିଲେ ଗ୍ରାମବାସୀ

କାଲିମେଲା, ୨୪।୧୨(ଡି.ଏନ.ଏ.)- କାଲିମେଲା ଥାନା ଅନ୍ତର୍ଗତ ଆଦିବାସୀ କଲୋନି ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଘରୁ ଛେଳି ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ମୁଦୁଲିପଡ଼ା ଥାନା ଅନ୍ତର୍ଗତ ଅଟଳଗୁଡ଼ା ଗ୍ରାମର ଡାବା ପାଙ୍ଗୀ କାଲିମେଲା ଆଦିବାସୀ କଲୋନି ଗ୍ରାମର ସମା ମାଡକାମିଙ୍କ ଗୁହାଳରୁ ଛେଳି ଚୋରିକରି ନେଇଯାଉଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲେ। ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା ।

## ଦୀପ୍ତି କନଭେଣ୍ଟ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

ମାଲକାନଗିରି,୨୪।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦରସ୍ଥିତ ଦୀପ୍ତି କନଭେଣ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ର ଯୋଗ ଦେଇ କ୍ରୀଡା ମଶାଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗାନ୍ଧୀ, ସୁବାଷ, ପଟେଲ ଏବଂ ନେହେରୁଙ୍କ ନାମକରଣରେ ପ୍ରତିଯୋଗିତାକୁ ୪ ଭାଗରେ ବିଭକ୍ତ କରାଯାଇଥିଲା। ଦୌଡ, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ, ଡିସକସ୍ ଥ୍ରୋ, ବାସ୍କେଟ ବଲ୍, ଖୋଖୋ, ଜାଭଲିନ, ବ୍ୟାଡମିଣ୍ଟନ, କ୍ୟାରମ୍, ବେଙ୍ଗଡିଆଁ, ସ୍ଲୋ ସାଇକେଲ ରେସ ଅଦି କ୍ରୀଡରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ୨୨ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମାାନସ ଜେନା, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସିଷ୍ଟର ଗ୍ରେସ ଅଧ୍ୟକ୍ଷତା କରିଥିଲେ। ପ୍ରତିଯୋଗିତାରେ ବିଭକ୍ତ ଚାରଟି ହାଉସ ମଧ୍ୟରୁ ଗାନ୍ଧୀ ହାଉସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପଟେଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୪ର୍ଥ ଇଷ୍ଟ ଇଣ୍ଡିଆ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତା ଉଦ୍‌ଘାଟିତ

କୋରାପୁଟ,୨୪।୧୨ (ସ୍ୱ.ପ୍ର.)

କୋରାପୁଟ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାରଠାରୁ ଆରମ୍ଭ ହୋଇଛି ଚତୁର୍ଥ ଇଷ୍ଟ ଇଣ୍ଡିଆ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତା । ଏହାକୁ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୨ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଆଦି ୫ଟି ରାଜ୍ୟର ୨ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ସର୍ବଭାରତୀୟ ଜୋନାଲ ପ୍ରତିଯୋଗିତାରେ ଭାଗନେବେ ବୋଲି ଓଡ଼ିଶା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସଭାପତି ତାପସ ରାୟ ଚୌଧୁରୀ କହିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲେକା, ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଡୁମୁରିପୁଟ ଆର୍‌ସିଏମ୍‌ଏସ୍ ଅଧ୍ୟକ୍ଷ ନାରାୟଣ ପଣ୍ଡିତ ବିଷୋୟୀ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସମ୍ପାଦକ ପ୍ରେମ ସିଂ ଥାପା ପରିଚାଳନା କରିଥିଲେ। ସାଙ୍ଗଠନିକ ସଭାପତି ବାବୁଜି ପାତ୍ର, ସମ୍ପାଦକ ହରିଶ୍ଚନ୍ଦ୍ର ବେହେରା, ସଂଯୋଜକ ଜଗନ୍ନାଥ ବେହେରା ସହଯୋଗ କରିଥିଲେ ।




୫ ରାଜ୍ୟରୁ ଆସିଥିବା ପ୍ରତିଯୋଗୀମାନେ।

## କୁନ୍ଦୁଲି ସାପ୍ତାହିକ ହାଟରେ ଟ୍ରାଫିକ ଅବ୍ୟବସ୍ଥା

ପଟ୍ଟାଙ୍ଗି,୨୪।୧୨(ଡି.ଏନ.ଏ.)

**ହନ୍ତସନ୍ତ ହେଉଛନ୍ତି ଜନସାଧାରଣ**

ଦୁଇ ରାଜ୍ୟକୁ ସଂଯୋଗ କରୁଥିବା ୨୬ନଂ. ଜାତୀୟ ରାଜପଥ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। କେବେ କେମିତି ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିଲେ ରାସ୍ତା ଜାମ୍ ହୋଇ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥାଏ। ଏପରିକି ୨/ ୩ ଦିନ ଧରି ରାସ୍ତା ଜାମ୍ ହେବାର ନଜିର ମଧ୍ୟ ରହିଛି। ଏପରି ସ୍ଥଳେ ଜନସାଧାରଣ ନାହିଁ ନ ଥିବା ହଇରାଣ ହୋଇଥାନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକରେ। ବ୍ଲକର କୁନ୍ଦୁଲି ସାପ୍ତାହିକ ହାଟ ହେଉଛି ଅଞ୍ଚଳର ସବୁଠାରୁ ବଡ଼ ହାଟ। ପୂର୍ବରୁ କେବଳ ଶୁକ୍ରବାର ବସୁଥିବା ଏହି ହାଟ ଏବେ ଶୁକ୍ରବାର ସହ ସୋମବାର ଏବଂ ମଙ୍ଗଳବାର ମଧ୍ୟ ବସୁଛି। କାରବାର ଲାଗି ଚାଷୀଙ୍କ ସହ ଜନସାଧାରଣଙ୍କ ଭିଡ଼ ମଧ୍ୟ ଲାଗି ରହୁଛି ହାଟରେ। ଚାଷୀଙ୍କ ପନିପରିବା କିଣିବା ପାଇଁ ଅନ୍ୟ ବ୍ଲକ ସହ ଆନ୍ଧ୍ର ଓ ଛତିଶଗଡ଼ରୁ ବ୍ୟବସାୟୀମାନେ ଏଠାକୁ ଆସନ୍ତି। ତେବେ ହାଟରେ ସରକାର ଚାଷୀଙ୍କ ପାଇଁ ଏକ ନିୟନ୍ତ୍ରିତ ବଜାର ବା ପିଣ୍ଡି ନିର୍ମାଣ କରିଥିଲେ ମଧ୍ୟ ଚାଷୀ ଓ ବ୍ୟବସାୟୀ ପିଣ୍ଡିରେ ବସି ବ୍ୟବସାୟ ନ କରି ଜାତୀୟ ରାଜପଥର ରାସ୍ତା ପାର୍ଶ୍ୱରେ ବସି ବ୍ୟବସାୟ କରୁଛନ୍ତି। ଏନେଇ ପ୍ରଶାସନ ଜାଣୁଥିଲେ ମଧ୍ୟ କିଛି ନ ଜାଣିବା ପରି ନୀରବ ରହୁଛି। ଫଳରେ ପ୍ରତ୍ୟହ ଏହି ରାସ୍ତାରେ ଟ୍ରାଫିକ ଜାମ୍ ହେଉଛି। ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



କୁନ୍ଦୁଲି ହାଟରେ ନିୟନ୍ତ୍ରଣ ବିହୀନ ଟ୍ରାଫିକ ବ୍ୟବସ୍ଥା।

